ଯୁଧିଷ୍ଠିରାଦିଙ୍କ ଅସ୍ତ୍ର ପରୀକ୍ଷା
ବସନ୍ତ ଋତୁ ସେ ଫାଲଗୁନ ମାସ
ବହୁଳ ପକ୍ଷ ତୃତୀୟା ଶୁକ୍ରଙ୍କ ଦିବସ । ୧ ।
ହସ୍ତା ନକ୍ଷତ୍ର ଯେ ବତିଶ ଦଣ୍ଡ ଭୋଗ
ବାଣିଜ୍ୟ ନାମେ କରମ ଶୂଳ ନାମେ ଯୋଗ । ୨ ।ସଂଖ୍ୟା
ଅଗ୍ନିକୋଣେ ଯୋଗିନୀ ନାରାୟଣୀ ମୂର୍ତ୍ତି
ସପତମେ ଚନ୍ଦ୍ର ଯେ ପଞ୍ଚମେ ବୃହସ୍ପତି । ୩ । horoscope
ୟେସନେକ ଯୋଗ ଅନକୂଳ ବାଛି
ବିଦ୍ୟା ପରୀକ୍ଷ ନିମନ୍ତେ ଶୁଭ ବେଳା ଧରି । ୪ ।
ୟେକା ହୋଇ ଗୁରୁ ପଶିଲେ ଘୋର ବନେ
ରାତ୍ରେ ବିଜେ କଲେ କୁଣ୍ଡଳୀ ନଦୀ ସନ୍ନିଧାନେ । ୫ ।
କୋଶେ ପରିଯନ୍ତେ ନେଲେ ବନ କାଟି
କୁଣ୍ଡଳା ନାମେ ଦେଖିଲେ ୟେକ ପର୍ବତ ଗୋଟି । ୬ ।
ସେ ପର୍ବତ ଉପରେ ଥିଲା କୃଷ୍ଣ ଅଗ୍ର ବୃକ୍ଷେ
ନାରାଜେ ଅଧେକ ତାହା ଛେଦିଲେ ପ୍ରତକ୍ଷେ । ୭ ।
ସେ ଖମ୍ବ ଉପରେ ବସାଇଲେ ଖଡିକା ଗୋଟିୟେ
ତହିଂର ଉପରେ ବସାଇଲେ ଶୃଙ୍ଗଧାନ ଗୋଟିୟେ । ୮ ।ସଂଖ୍ୟା
ତହିଂର ଉପରେ ଗରଗଡ ଗୋଟିୟେ ଯେ ଥୋଇ
ଗରଗଡ ଉପରେ ସୋରିଷ ଗୋଟିୟେ ବସାଇ । ୯ ।ସଂଖ୍ୟା
ୟେସନେକ ଉପାୟେ କଲେ ଦ୍ରୋଣେ ତହିଂ
ରାଜପୁତ୍ର ମାନେ ୟେହା ନ ଜାଣନ୍ତି କେହି । ୧୦ ।
ବାହୁଡି ଅଇଲେ ଭାରଦ୍ୱାଦଶଙ୍କ ସୁତେ
କୁମରନ୍ତ ଘେନିଗଲେ ବିଦ୍ୟା ପରୀକ୍ଷ ନିମନ୍ତେ । ୧୧ ।
ସେ ନଦୀର ତୀରେ ରହିଲେ ଭାରଦ୍ୱାଦଶଙ୍କ ତନୁ
କର୍ଣ୍ଣର ହାଥରେ ଗୁରୁ ଦିଲେ ପ୍ରଥମେଣ ଧନୁ । ୧୨ ।
ବୋଇଲେ ନାରାଜ ପୂରୋଇ ନିରୋପନି ରେ କର୍ଣ୍ଣ
କିସ କିସଇ ଦିଶଇ ରେ ପର୍ବତର ସ୍ଥାନ । ୧୩ ।
କର୍ଣ୍ଣ ଚାହିଂଲା ଯେ ନାରାଜ ପୂରୋଇ
ବେନି ଜାନୁ କ଼ିଲା ଯେ ଥରହର ହୋଇ । ୧୪ ।
ଆକ୍ରଷଣ କରି ଯେ ଚାହିଂଲା ବୀର କର୍ଣ୍ଣ
ଗୁରୁଙ୍କର ମୁଖ ଚାହିଂ ବୋଲଇ ବଚନ । ୧୫ ।
ପର୍ବତ ଗୋଟିୟେ ଦିଶଇ ଗୁରୁ ଦୂରେ
ଖମ୍ବ ଗୋଟିୟେ ଦିଶଇ ତହିଂର ଉପରେ । ୧୬ ।ସଂଖ୍ୟା
ତହିଂର ଉପରେ ଖଡିକା ଦିଶଇ ଗୋଟିୟେ
ଖଡିକାର ପରେ ଦିଶେ ଶୃଙ୍ଗଧାନ ଗୋଟିୟେ । ୧୭ ।ସଂଖ୍ୟା
ଶୃଙ୍ଗଧାନ ଉପରେ ଗୁରୁ ହେ ଅଛଇ ଗରଗଡ ପୁଣ
ଆନ କିଛି ହିଂ ନ ଦିଶଇ ବେନି ଯେ ନୟନ । ୧୮ ।
ସୋରିଷ ନ ଦିଶଇ ବୋଇଲେ ଗୁରୁ ଦ୍ରୋଣେ
ଚାରିପାଦେ ବିଦ୍ୟା ତ ନୋହିଲା ସଂପୂର୍ଣ୍ଣେ । ୧୯ । ସଂଖ୍ୟା
କର୍ଣ୍ଣ ହସ୍ତରୁ ଧଇଲେ ଅଜଙ୍ଗ ନାମା ଧନୁ
ଅଶସ୍ତମା ହସ୍ତେ ଦିଲେ ଭାରଦ୍ୱାଦଶଙ୍କର ତନୁ । ୨୦ ।
ତୁ ମୋହୋର ନନ୍ଦନରେ କ୍ଷତ୍ରିୟ ପୁତ୍ର ଗୋଟି
ଧନୁରେ ନାରାଜ ପୂରୋଇ କର ବାବୁ ଦୃଷ୍ଟି । ୨୧ ।
କିସ କିସ ଦୃଶ୍ୟ ବାବୁ ରେ ହୋଇବାକ ତୋତେ
ନିରୋପି କହନି ବାବୁ ମୋହୋର ଅଗ୍ରତେ । ୨୨ ।

ପିତାର ଆଗ୍ୟାଂରେଣ ନାରାଜ ପୂରୋଇଣ ଶିଷି
ଆକ୍ରେଷିଣ ବୋଇଲାକ ତାତ ପର୍ବତେକ ଦିଶି । ୨୩ ।
ତହିଂର ଉପରେ ଦିଶଇ ଖମ୍ବ ଯେ ଗୋଟିୟେ
ଖମ୍ବର ଉପରେ ଦିଶଇ ଖଡିକା ଗୋଟିୟେ । ୨୪ । ସଂଖ୍ୟା
ଅନ୍ତରେ ଗରଗଡ ଗୋଟିୟେ ଦିଶଇ ତାତ
ଆନ କିଛି ନ ଦିଶଇ କହିଲା ବଳବନ୍ତ । ୨୫ । ସଂଖ୍ୟା
ଛାଡ ଧନୁ ବୋଲି ଦିଲେ ଯୁଝେଷ୍ଟିଙ୍କର ହସ୍ତେ
ଧନୁରେ ନାରାଜ ପୂରୋଇ ନିରୋପନ୍ତି କୌନ୍ତେ । ୨୬ ।
ଯେତେବେଳେ ଧନୁ ଆକ୍ରେଷିଲେ ଯୁଝେଷ୍ଟି
ଆକ୍ରଷଣ କରନ୍ତେ କ– ଇ ବେନି ମୁଷ୍ଟି । ୨୭ ।
ବନସ୍ତ ଭିତରେ ଦିଶଇ ପର୍ବତ ଗୋଟିୟେ
ପର୍ବତ ଉପରେ ଦିଶଇ ଅମ୍ବ ଯେ ଗୋଟିୟେ । ୨୮ । ସଂଖ୍ୟା
ଖମ୍ବର ଉପରେ ଅଛି ଖଡିକା ଗୋଟିୟେ
ଆନ କିଛି ନ ଦିଶଇ କହିଲି ଗୁରୁ ହେ । ୨୯ । ସଂଖ୍ୟା
ଛାଡ ଛାଡ ଧନୁ ବୋଲି ବୋଇଲେ ଭାରଦ୍ୱାଦଶଙ୍କ ତନୟେ
ସଂପୂର୍ଣ୍ଣ ବିଦ୍ୟା ନ ଦିଶଇ ୟେତେ ଜଣ ଠାୟେ । ୩୦ ।
ଦ୍ରିଯୋଧନ ହସ୍ତେ ଦ୍ରୋଣେ ଦିଲେକ ନେଇ ଧନୁ
ନାରାଜ ପୂରୋଇ ନିରୋପଇ ଧୃତରାଷ୍ଟି
ଅପାର ଦୂରେ ଦିଶଇ ଧବଳ ପର୍ବତ ଗୋଟି । ୩୨ ।
ଖମ୍ବ ଗୋଟିୟେକ ଦିଶଇ ତହିଂର ଉପରେ
ଖଡିକା ଗୋଟିୟେ ଦିଶଇ କିଞ୍ଚିତ ମାତ୍ରକରେ । ୩୩ । ସଂଖ୍ୟା
ଆନ ତହିଂ କିଛି ନ ଦିଶଇ ଶୁଣିମା ଗୁରୁ ହେ
ଦ୍ରୋଣେ ବୋଇଲେ କିଛି ହିଂ ତୁ ନ ପାଇଲୁ ସନ୍ଦେହେ । ୩୪ ।
ଦ୍ରିଯୋଧନ ହସ୍ତରୁ ଧନୁ ଯେ ଛଡାଇ
ଧୁଶାସନ ହସ୍ତେ ଅଜଙ୍ଗ ଧନୁ ଦିଲେ ନେଇ । ୩୫ ।
ଦେଖ ରେ ଧୁଶାସନ କିସ କିସ ଦିଶି
ଗୁରୁଙ୍କର ବଚନେ ନାରାଜ ପୂରୋଇ ଆକ୍ରୋଷି । ୩୬ ।
ବନସ୍ତ ଭିତରେ ପର୍ବତେକ ଦିଶଇ ତାତ
ମେଘମାଳମାନ ଦିଶଇ ଅପ୍ରମିତ । ୩୭ ।
ଛାଡ ଚାଡ ବୋଲି ଧୁଶାସନ କରୁ ଧନୁ ଘେନି
ଭୀମସେନ ହସ୍ତରେ ଦିଲେକ ଗୁରୁ ଦ୍ରୋଣି । ୩୮ ।
ନାରାଜ ପୂରୋଇ ନିରୋପ ରେ ଭୀମସେନ
କିସ କିସ ଦିଶଇ କହ ସରୂପ ବଚନ । ୩୯ ।
କହି ଭୀମସେନ ୟେ ଶୁକଳ ପର୍ବତ
ଖମ୍ବ ଗୋଟିୟେ ଦିଶଇ ବିଦ୍ୟମାନ ସାକ୍ଷାତ । ୪୦ । ସଂଖ୍ୟା
ଖଡିକା ଗୋଟିୟେ ଦିଶଇ ଗୁରୁ ହେ
ଆନ କିଛି ନ ଦିଶଇ ବୋଇଲେ ସନ୍ଦେହେ । ୪୧ । ସଂଖ୍ୟା
ବୋଇଲେ ଦ୍ରିଯୋଧନ ଗଦା ବିଦ୍ୟାରେ ପରିପୂର୍ଣ୍ଣ
ସମସ୍ତ ଭ୍ରାଥମାନେ ୟେହି ରୂପେ ପୁଣ । ୪୨ ।
ଛାଡ ଛାଡ ବୋଲି ହସ୍ତରୁ ଧନୁ ଘେନି
ସନିଧ୍ୟେଣ ରାଇରେ କୁମାର ଫାଲଗୁନି । ୪୩ ।
ଅଜଙ୍ଗ ଧନୁ ଦିଲେ ତାହାର ଯେ ହସ୍ତେ
ନାରାଜ ପୂରୋଇ ବାବୁ କର ଦୃଷ୍ଟି ପାତେ । ୪୪ ।
ନାରାଜ ପୂରୋଇ ସେ ନିରୋପଇ ଅରଜୁନ
ଗୁରୁଙ୍କର ଅଗ୍ରତେ କହଇ ଫାଲଗୁନ୍ୟ । ୪୫ ।

ଆଠ ସହସ୍ର ଆଠ ଶତ ଅଠାଇଶି ପହଣ୍ଡେ
ପର୍ବତ ଉପରେ ଦିଶଇ ବୃକ୍ଷର ଅର୍ଦ୍ଧ ଖଣ୍ଡେ । ୪୬ । ସଂଖ୍ୟା
ତହିଂର ଉପରେ ଦିଶଇ ଖଡିକା ଗୋଟିୟେ
ତହିଂର ଉପରେ ଅଛି ଶୃଙ୍ଗଧାନ ଗୋଟିୟେ । ୪୭ । ସଂଖ୍ୟା
ଶୃଙ୍ଗଧାନ ଉପରେ ଗରଗଡ ଯେ ଅଛଇ
ତହିଂର ଉପରେ ସୋରିଷ ଗୋଟିୟେ ଦିଶଇ । ୪୮ । ସଂଖ୍ୟା
ଖମ୍ବକୁ ବିନ୍ଧିବି କି ଖଡିକାକୁ ବିନ୍ଧିବି
କହ ଗୁରୁ ହେ ଶୃଙ୍ଗଧାନକୁ ନାରାଜ ସନ୍ଧିବି । ୪୯ ।

------

୪୯ ।୧ ଥମ୍ବ ମଧ୍ୟ ପୋଥିମାନଙ୍କରେ ଅଛି ।

ଗରଗଡକୁ ବିନ୍ଧିବି କି ସୋରିଷକୁ ବିନ୍ଧିବି ସନ୍ଦେହେ
କାହାକୁ ବିନ୍ଧିବି ମୋତେ ଆଗ୍ୟାଂ ହୋଉ ଗୁରୁ ହେ । ୫୦ ।
ଦ୍ରୋଣେ ବୋଇଲେ ବାବୁ ଛାଡ ଛାଡ ଧନୁ
ତୁ ସେ ଭାରାଭର ଉଶ୍ୱାସିବୁ ୟେ ମଧ୍ୟ ଭୁବନୁଂ । ୫୧ ।
ଅର୍ଜୁନ ପୂରୋଇ ଅଛି ଦିବ୍ୟ ଶର
ଦେଖି ଅଛନ୍ତି ବେଢି ସର୍ବ ରାଜକୁମର । ୫୨ ।
ଅର୍ଜୁନ ବୋଇଲା ଗୁରୁ ହେ ପୂରୋଇଲି ଶର
ନ ବିନ୍ଧିଲେ ଦୋଷ ୟେଥେଂ ଅଛଇ ଅପାର । ୫୩ ।
ଦ୍ରୋଣେ ବୋଇଲେ ବାବୁ ତୁ ଦୃଢ କରସି ମୁଷ୍ଟି
ନିଷ୍ଚଳ ହୋଇ ଖମ୍ବ ଖଡିକା ଧାନ ଗରଗଡ ଗୋଟି । ୫୪ ।
ସମସ୍ତେ ତହିଂରେ ଯେ ହୋଇଥିବେ ନିଷ୍ଚଳ
ତହିଂ ଉପରେ ସୋରିଷ ଗୋଟିୟେ ହୋଇବ ବେନିଫାଳ । ୫୫ । ସଂଖ୍ୟା
ୟେହେନେକ ସ୍ୱରୂପ ନାରାଜ ବିନ୍ଧ ବାବୁ
ବିନ୍ଧିଲେ ଜଗଜିତା ତୁହି ରେ ହୋଇବୁ । ୫୬ ।
ଦ୍ରୋଣଙ୍କର ବଚନେ ସାନନ୍ଦ ଫାଲଗୁନି
ହୃଦଗତେ ଲୟେ କଲା ଅବଲୋକନ ଶସ୍ତ୍ର ଘେନି । ୫୭ ।
କିଞ୍ଚିତ ପ୍ରାକ୍ରମେ ସେ ବିନ୍ଧିଲା ସୂତ୍ର ଶର
ଅନ୍ତରୀକ୍ଷେ ପଡିଲା ସେ ସୋରିଷ ଉପର । ୫୮ ।
ବିଦ୍ୟାର ସରୂପ ଦେଖ ହେ ମହୀପାଳ
ନାରାଜ ପଡି ସୋରିଷ ହୋଇଲା ବେନି ଫାଳ । ୫୯ ।

--------

୫୮ ।୨ ଅନ୍ତରୀକ୍ଷେ ନାରାଜ ପଡିଲା ସୋରିଷ ଉପରେ ।
ନାରାଜ ପଡିଲା ସୋରିଷ ହୋଇଲା ବେନିଫାଳେ ।
୫୯ ।୧ ବିଦ୍ୟାର ସରୂପ ଦେଖ ହେ ମହୀପାଳ ସ୍ଥାନରେ ଅଧିକା ପାଠ–
ବିଦ୍ୟା ପରୀକ୍ଷ ହାଦେ ଦେଖ ହୋ ମହୀପାଳେ
ଖମ୍ବ ଖଡିକା ଗରଗଡ ଧାନ ଅଛଇ ନିଷ୍ଚଳେ ।
ଦୁଇଫାଳ ହୋଇ ସେ ସୋରିଷ ରହିଲା
ବିଦ୍ୟା ପରୀକ୍ଷ ଅର୍ଜୁନ ୟେମନ୍ତଟି କଲା ।
ଧନୁ ଉଛାଡିଲେ କ– ଇ ହାଦେ ମୁଷ୍ଟି
ପବନ ଗତି ପ୍ରାୟେ କ– ଇ ହାଦେ ମୁଷ୍ଟି ।
କିଞ୍ଚିତ ଅବଲୋକନେ ବିନ୍ଧିଲା ସର୍ବସାଚୀ ବୀର
ଅନ୍ତରୀକ୍ଷେ ନାରାଜ ପଡିଲା ସୋରିଷ ଉପର ।

ଖମ୍ବ ଖଡିକା ଧାନ ଗରଗଡ ନ ଟଳିଲା

ଦୁଇଫାଳ ହୋଇ ସୋରିଷ ସେହି ଗରଗଡରେ ରହିଲା । ୬୦ ।
ପ୍ରତକ୍ଷେ ବିଦ୍ୟା ଦେଖିଲେ ଦ୍ରୋଣ ଗୁରୁ
ସାଧୁ ସାଧୁ ଧ୍ୱନି ଗୋଟିୟେ ଶୁଭିଲା ଆକାଶରୁ । ୬୧ । ସଂଖ୍ୟା
ଦେଖି ପରମ ସାନନ୍ଦ ଭାରଦ୍ୱାଦଶଙ୍କ ଶିଷି
ବାବୁ ପ୍ରଶୁରାମଙ୍କର ବିଦ୍ୟା ତୋହୋର ତହିଂ ଅଛି । ୬୨ ।
ୟେତେ ବିଚାରି ସେ ଋଷିକୁଳ ବଛ
ତୁହି ସେ ଭାରା ବାବୁ ନିବାରିବୁ ପ୍ରତଛ । ୬୩ ।
ଆବର ୟେମାନଙ୍କରେ କିସ ପ୍ରୟୋଜନ
ବାହୁଡି ଶିଷ୍ୟନ୍ତ ଘେନି ଅଇଲେ ବାରୁଣାବନ୍ତ ଭୁବନ । ୬୪-୩୭୫୨ ।

-----------

୬୩ ।୧ ବଛ-ବତ୍ସ୍ୟ, ୬୩ ।୨ ପ୍ରତଛ-ପ୍ରତକ୍ଷ

*********